ପ୍ରମେୟ
THE PRAMEYA

DATE: 15/01/2018

# 'ନିସ୍'ର ବାର୍ଷିକୋତ୍ସବ ଡ୍ରିମଫେଷ୍ଟ




ଝାଁଙ୍କା,୧୩।୧(ଆ.ପ୍ର.): ମଦନପୁର ସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ୧୭ତମ ବାର୍ଷିକୋତ୍ସବ ଡ୍ରିମଫେଷ୍ଟ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ ଉଦ୍‌ଘାଟନ କରି ଉନ୍ନତମାନର ଶିକ୍ଷାଦାନ ଦ୍ୱାରା ଛାତ୍ରଛାତ୍ରୀ ଭବିଷ୍ୟତରେ ଉତ୍ତୋରତ୍ତୋର ଉନ୍ନତି କରିବା ସହ ସୁନାଗରିକ ହୋଇପାରିବେ ବୋଲି କହିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସୁଭାଷ ଚନ୍ଦ୍ର ନାୟକ, ଡିନ ଡକ୍ଟର ଶ୍ରୁତିକାନ୍ତ ଦୀକ୍ଷିତ, ସହପ୍ରତିଷ୍ଠାତା ଶ୍ରୀମତୀ ସୃତିସୁଧା ନାୟକ, ଡେପୁଟି ଡାଇରେକ୍ଟର ପ୍ରଫେସର ଦୁଷ୍ମନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଭାଷଣ ଦେଇଥିଲେ । ଉତ୍ସବରେ ଓଲିଉଡ ଅଭିନେତା ଦେବରାଜ ସାହୁ, ଅଭିନେତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ, ହାସ୍ୟଅଭିନେତା ଜ୍ୟୋତି ଓ ଅଭିନେତ୍ରୀ ତମନ୍ନା ଙ୍କ ରଙ୍ଗାରଙ୍ଗମ କାର୍ଯ୍ୟ ବେଶ ମନଛୁଆଁ ହୋଇପାରିଥିଲା । ଉଦ୍‌ଯାପନୀ ଉତ୍ସବରେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ବୋଲି ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ ପ୍ରକାଶ କରିଛନ୍ତି ।